## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ଭଞ୍ଜପୁର ଥାନା ଅନ୍ତର୍ଗତ ବାଘରାରୋଡ୍ ନିକଟରେ ରବିବାର ବିଳମ୍ବିତ ରାତିରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନରେ କଟି ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସକାଳେ ରେଳ ଧାରଣାରେ ମୃତଦେହ ପଡ଼ିଥିବା ଖବରପାଇ ରେଳ ସୁରକ୍ଷା ବଳର କର୍ମଚାରୀ ପହଞ୍ଚି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ସଂକ୍ଷେପରେ

## ପ୍ରଶାନ୍ତ ତ୍ରିପାଠୀ ଉଦଳା ଆର୍‌ଏମ୍‌ସି ଉପାଧ୍ୟକ୍ଷ

ଉଦଳା,୯।୧୦(ସନ୍ତୋଷ କୁମାର ବାଛିନୀ)- ରାଜ୍ୟ ସରକାରଙ୍କ ପକ୍ଷରୁ ଉଦଳା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ର ଉପାଧ୍ୟକ୍ଷ ଭାବେ



ସ୍ଥାନୀୟ ଏନ୍‌ଏସି ୧ନଂ. ୱାର୍ଡର ପ୍ରଶାନ୍ତ କୁମାର ତ୍ରିପାଠୀ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ କର୍ପୋରେସନ ବିଭାଗ ପକ୍ଷରୁ ଚିଠିନଂ-୧୧୫୦୫ ତା.୭।୧୦।୨୩ରିଖ ଅନୁସାରେ ତ୍ରିପାଠୀଙ୍କୁ ଏହି ନିଯୁକ୍ତି ମିଳିଥିବା ଚିଠିରେ ଉଲ୍ଲେଖ ରହିଛି। ଅଧ୍ୟକ୍ଷ ଭାବେ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ତ୍ରିପାଠୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ନାବାଳିକାଙ୍କୁ ବୃଦ୍ଧଙ୍କ ବିବାହ ନେଇ ଅଭିଯୋଗ

ଭଦ୍ରକ, ୯।୧୦(ସନାତନ ରାଉତ)- ଭଦ୍ରକ ଚରମ୍ପା ଅଞ୍ଚଳରେ ଜଣେ ବୃଦ୍ଧ ଜଣେ ନାବାଳିକାଙ୍କୁ ବିବାହ କରିଥିବା ନେଇ ଭଦ୍ରକ ବ୍ଲକ ସିଡିପିଓ ରାଜଶ୍ରୀ ଗୋସ୍ୱାମୀ ସୋମବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପଶ୍ଚିମବଙ୍ଗର ମା', ଝିଅ ଚରମ୍ପାରେ ରହୁଥିବା ବେଳେ ୪ ଦିନ ତଳେ ବରାଳପୋଖରୀ ଅଞ୍ଚଳର ଉକ୍ତ ବୃଦ୍ଧ ନାବାଳିକାଙ୍କୁ ତାଙ୍କ ଘରେ ବିବାହ କରିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓ ଦେଖିବା ପରେ ଶନିବାର ସିଡିପିଓ ଏବଂ ଆସିଆନାର କର୍ମକର୍ତ୍ତା ଟାଉନ ପୋଲିସ ସହାୟତାରେ ଉକ୍ତ ଉଭୟଙ୍କୁ ଶିଶୁ ମଙ୍ଗଳ କମିଟି ହାଜର କରାଇଥିଲେ। ନାବାଳିକାଙ୍କୁ ଆସିଆନାର ମୁକ୍ତାଶ୍ରୟ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ବେଳେ ବୃଦ୍ଧଙ୍କୁ ଟାଉନ ଥାନାରେ ହାଜର କରାଯାଇଥିଲା। କୌଣସି ଅଭିଯୋଗ ହୋଇ ନ ଥିବାରୁ ପଚରାଉଚରା ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଟାଉନ ଥାନାଧିକାରୀ ବିରେନ୍ଦ୍ର କୁମାର ସେନାପତି କହିଥିଲେ। ସୋମବାର ସିଡିପିଓ ଏନେଇ ଟାଉନ ଥାନାରେ ଚିଠି ନଂ. ୧୨୩୯ ଅନୁସାରେ ଅଭିଯୋଗ କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ପାଟଣା,୯।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସ କୋଲା ପଞ୍ଚାୟତ ବଡ଼ ଜାମୁପଶି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଉଛନ୍ତି ଉକ୍ତ ଗ୍ରାମର କେଶବ ନାଏକଙ୍କ ଝିଅ ଫୁଲମଣି ନାଏକ(୩୫)। ଘରଲୋକ ରବିବାର ବିଲକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଝିଅକୁ ଘରେ ନ ପାଇ ଖୋଜାଖୋଜି କରିଥିଲେ। ପରେ ଗାଁ ପୋଖରୀରେ ଫୁଲମଣୀ ଭାସୁଥିବା ଦେଖି ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୩) ରୁଜୁ ହୋଇଥିବା ଏଏସ୍‌ଆଇ ପଦ୍ମାବତୀ ବିଶ୍ୱାଳ କହିଛନ୍ତି।

# ନିର୍ଭୟରେ ବୁଲୁଛି ମହାବଳ 'ଟି-୧୯'

ବାରିପଦା,୯।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଶିମିଳିପାଳରେ ବିଚରଣ କରୁଥିବା ମହାବଳ।

ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ନିର୍ଭୟରେ ଚଳପ୍ରଚଳ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ବନବିଭାଗ ପୋଷ୍ଟ କରିଛି। ପାଟ୍ରୋଲିଂ ସମୟରେ ରେଞ୍ଜର ଶିଶିର ବେହେରା ଏହା ଚିତ୍ର ଉତ୍ତୋଳନ କରିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଏହାକୁ ସୋସିଆଲ ମିଡିଆ 'ଏକ୍ସ'ରେ ସେୟାର କରିଛନ୍ତି। ବନ ବିଭାଗ ପକ୍ଷରୁ ଉକ୍ତ ବାଘର ନାମ 'ଟି-୧୯' ରଖାଯାଇଛି। ଏନେଇ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଜଏଣ୍ଟ ଟାସ୍କ ଫୋର୍ସ ନିୟୋଜିତ କରାଯାଇଛି। ଶିକାରୀ କବ୍ଜାରେ ଥିବା ଅଭୟାରଣ୍ୟରେ ବନ୍ୟଜନ୍ତୁ ବିପଦରେ ଥିବା ବେଳେ ବନବିଭାଗ ଓ ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧୬୫ଟି ଦେଶୀ ବନ୍ଧୁକ, ବନ୍ଧୁକ ତିଆରି କାରଖାନା ଓ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଫଳରେ ଶିକାରୀଙ୍କ ଅନୁପ୍ରବେଶ ବନ୍ଦ ହୋଇଥିବାରୁ ବନ୍ୟଜନ୍ତୁମାନେ ନିର୍ଦ୍ୱନ୍ଦ୍ୱରେ ଚଳପ୍ରଚଳ କରିବା ଆରମ୍ଭ କରିଛନ୍ତି। ଭିଡିଓରେ ମହାବଳ ବାଘଟି ଘଞ୍ଚ ଜଙ୍ଗଲ ମଧ୍ୟରେ ପାଟି ମେଲା କରି ନିଜ ଦେହକୁ ଚାଟୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ୨ବର୍ଷ ତଳେ ବାଘୁଣୀଠାରୁ ଜନ୍ମ ହୋଇଥିବା ୪ଶାବକଙ୍କ ମଧ୍ୟରୁ ଏହା ଗୋଟିଏ ବୋଲି ବନବିଭାଗ କହିଛି। ଅନ୍ୟପକ୍ଷରେ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ମଧ୍ୟରେ ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି। ତୃଣଭୋଜିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି। ତେବେ ଜାତୀୟ ବ୍ୟାଘ୍ର ଗଣନା ରିପୋର୍ଟ ଅନୁଯାୟୀ ଶିମିଳିପାଳରେ ୨୦ଟି ମହାବଳ ବାଘ ରହିଛନ୍ତି। ଖାଦ୍ୟ ଶୃଙ୍ଖଳ ଠିକ୍ ରହିଲେ ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଅସୁବିଧା ପରିଲକ୍ଷିତ ହେବ ନାହିଁ। ଆଗକୁ ଏମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ସେହିପରି ହାତୀମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଗଲେ ସେମାନେ ଜଙ୍ଗଲ ଛାଡ଼ି ଗାଁ କିମ୍ବା ସହର ମୁହାଁ ହେବେ ନାହିଁ ବୋଲି ମତପ୍ରକାଶ ପାଉଛି।

## ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣିରେ ୧୪୯ ଅଭିଯୋଗ



ଯୁଗ୍ମ ଜନଶୁଣାଣି ଶିବିର।

ରାଇବଣିଆ(ନବୀନ ସାହୁ)/ଜଳେଶ୍ୱର(ରବିନାରାୟଣ ପାତ୍ର), ୯।୧୦

ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ କୋନାଲ ମୋତିଲାଲ ଚୌହ୍ୱାନ, ସିଡିଏମ୍‌ଓ ଡା. ଦୁଲାଲସେନ ଜଗଦେବ, ବିଡିଓ ପୁନମ ରାଉତ, ଭାରପ୍ରାପ୍ତ ତହସିଲଦାର ଅମ୍ଲାନ ନାୟକ ଓ ସିପି ସୁଜିତ୍ କୁମାର ଜେନା ପ୍ରମୁଖ ଅଭିଯୋଗଗୁଡ଼ିକ ଗ୍ରହଣ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ସେଗୁଡ଼ିକ ସମାଧାନ ଦିଗରେ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିଏସ୍‌ଡବ୍ଲ୍ୟୁ ଶିଖାରାଣୀ ପୋଦାର, ସିଏସ୍‌ଓ ନିରୋଜ କୁମାର ଦାସ, ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ସିଡିପିଓ ଚମ୍ପାବତୀ ମୁର୍ମୁ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ବନମାଳୀ ସାହୁ, ଇରିଗେଶନ୍ ବିଭାଗ ପକ୍ଷରୁ ପ୍ରିୟବ୍ରତ ସିଂହ, ଡ୍ରେନେଜ୍ ପକ୍ଷରୁ ଇରାକ କୁମାର ବେହେରା ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ମୋଟ୍ ୧୪୯ଟି ଅଭିଯୋଗ ଆସିଥିବା ବେଳେ ବହୁ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ, ରାସ୍ତା, ରାଶନକାର୍ଡ଼ ସମ୍ବନ୍ଧୀୟ ଅଧିକ ଅଭିଯୋଗ ହୋଇଥିଲା। ଶିବିରରେ ଜିଲାପାଳ ଅନୁପସ୍ଥିତ ରହୁଥିବାରୁ ଲୋକେ ବାରମ୍ବାର ଅଭିଯୋଗ ଶୁଣାଣି ଶିବିରକୁ ଆସି ନିରାଶ ହେବାକୁ ପଡୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହ, ଜୁନିଅର ଆସିଷ୍ଟାଣ୍ଟ ବ୍ରହ୍ମଦର୍ଶୀ ବେହେରା, ସୁରେନ୍ଦ୍ର ନାଥ ଭୂୟାଁ, ମାନସ କୁମାର ପାତ୍ର ଓ ଗ୍ରାମ ପଞ୍ଚାୟତ ପିଇଓ ଓ ଗ୍ରାମ ରୋଜଗାର ସେବକ ସହଯୋଗ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଅନ୍ୟମାନେ।

ବନ୍ତ,୯।୧୦(ହରିନାରାୟଣ ମହାନ୍ତି)

ବିଜେଡି ଯାହା କହେ କାମରେ କହି ଦେଖାଏ ବୋଲି ସୋମବାର ଭଦ୍ରକ ଜିଲା ବନ୍ତ ବ୍ଲକ ୧୬ନଂ.ଜୋନ୍ ଅଧୀନ କେନ୍ଦୁଆପଦାଠାରେ ଅନୁଷ୍ଠିତ ବିଜେଡିର ଜନସମ୍ପର୍କ ପଦଯାତ୍ରା ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ। ପ୍ରତ୍ୟେକ ୱାର୍ଡ ଓ ପଞ୍ଚାୟତରେ ପଦଯାତ୍ରା କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପଦଯାତ୍ରା କେନ୍ଦୁଆପଦା ପଛତୀରା ଗ୍ରାମଠାରୁ ବାହାରି କେନ୍ଦୁଆପଦା କଲେଜ ଛକସ୍ଥିତ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ସଭାରେ ବିଧାୟକ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଜିଲା ପରିଷଦ ସଭ୍ୟା ମୁନି ମୁଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, ନିହାରିକା ରାଉତ, ଜଇନୁଲ ଆବେଦିନ, ଶ୍ରୀନାଥ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ଅକ୍ଷୟ ଦାସ, ବିଜୟ ଖୁଣ୍ଟିଆ, ଜୟନ୍ତ ସାମଲ, ଯୋଗେନ୍ଦ୍ର ସାହୁ, ସରପଞ୍ଚ ଗିରିଧାରୀ ସାହୁ, ସମିତିସଭ୍ୟା କୁନି ମୁଣ୍ଡା, ସରପଞ୍ଚ ହରେନ୍ଦ୍ର ଖିଲାର, ଅଶୋକ ସାହୁ, ନିରଞ୍ଜନ ମଲ୍ଲିକ, ଅଶୋକ ମହାନ୍ତି, ସମୀମ ନୱାଜ୍, ସେକ୍ କଦମ୍ ପ୍ରମୁଖ ସାମିଲ ଥିଲେ। ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## କାଠ ବୋଝେଇ ଭ୍ୟାନ୍ ଧରିଲେ ଲୋକେ, ଛାଡ଼ିଦେଲା ବନବିଭାଗ

ରୂପସା, ୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ନମ୍ବର ଜାତୀୟ ରାଜପଥ ଦେଇ ନିୟମିତ ରାତିରେ କାଠ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ପୋଲିସ ଓ ବନବିଭାଗ କାଠଚାଲାଣ ରୋକିବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ପ୍ରଶାସନର ଅପାରଗତା ସାମ୍ନାକୁ ଆସିଛି। ରବିବାର ରାତିରେ ଭେଲୋରା ଛକ ନିକଟରେ ଦୁଇଟି ବେଆଇନ କାଠ ବୋଝେଇ ଭ୍ୟାନ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଭ୍ୟାନ୍ ଦୁଇଟିକୁ କାବୁ କରି ବନବିଭାଗ ଜିମା ଦେଇଥିଲେ। ଏହି ଦୁଇଟି ଭ୍ୟାନ୍‌କୁ ବନବିଭାଗ ରାତିରେ ଛାଡ଼ି ଦେଇଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଦୁଇଟି ପିକଅପ୍ ଭ୍ୟାନ୍ କାଠ ବୋଝେଇ କରି ବସ୍ତା ଥାନା ମଥାନୀ କଟିପୋଲ ପଟରୁ ପଶ୍ଚିମବଙ୍ଗ ଆଡ଼କୁ ଯାଉଥିଲା। ସ୍ଥାନୀୟ ଯୁବକମାନେ ଭେଲୋରାଠାରେ ଭ୍ୟାନ୍‌କୁ ଅଟକାଇଥିଲେ। ଗାଡିଦୁଇଟିର ଠିକ୍ କାଗଜପତ୍ର ନ ମିଳିବାରୁ ଲୋକେ ବନବିଭାଗ ତନଖି ଫାଟକ କର୍ମଚାରୀଙ୍କୁ ଡାକି ତାଙ୍କ ଜିମା ଦେଇଥିଲେ। ବନବିଭାଗ ଅନୁକମ୍ପାମୂଳକ ଗାଡ଼ିକୁ ଛାଡ଼ି ଦେଇଥିବା ଅଭିଯୋଗ କରିଛନ୍ତି। ବାଲେଶ୍ୱର ଡିଏଫ୍‌ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## 'ଭଦ୍ରକ କଳା, ସାହିତ୍ୟ ଓ ସଂସ୍କୃତିର ମାଟି'

### କୁଆଁସ ପିଲା ଗଣେଶ କମିଟିର ସାଂସ୍କୃତିକ ଉତ୍ସବ



ଭଦ୍ରକ, ୯।୧୦ (ରବିନାରାୟଣ ଖିଲାର)

ଭଦ୍ରକ ସହରରେ ଏକ ମାସ ଧରି ପୂଜା ପାଉଥିବା ପିଲା ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସଞ୍ଜୀବ ଦାସଙ୍କ ସଭାପତିତ୍ୱ ଓ ରାଜକୁମାର ସେଠୀଙ୍କ ମଞ୍ଚ ପରିଚାଳନା, ଆକାଂକ୍ଷାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ରବିନାରାୟଣ ଖିଲାର, ମୁଖ୍ୟବକ୍ତା ଉପଦେଷ୍ଟା ଐଶକାନ୍ତ ମହାନ୍ତି, କମିଟିର ସମ୍ପାଦକ ତଥା ପ୍ରାକ୍ତନ କାଉନସିଲର ପ୍ରଭାତ ମହାନ୍ତି, ରାଜୀବ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲା କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଏହା କଳା ଓ ସଂସ୍କୃତିରେ ରାଜ୍ୟରେ ଏକ ପ୍ରମୁଖ ପରିଚୟ ସୃଷ୍ଟି କରିଛି ବୋଲି ଅତିଥିମାନେ କହିଥିଲେ। କମିଟି ପକ୍ଷରୁ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ଏହି ଅବସରରେ ୫ ହଜାର ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କମିଟିର ଯୁବନେତା ରବୀନ୍ଦ୍ର ବେହେରା, ଅମରଜିତ ରାୟ, ଅବିନାଶ ପଟ୍ଟନାୟକ, ଦେବରାଜ ବିଶ୍ୱାଳ, ସାର୍ଥକ ଦାସ, ସୁରେନ୍ଦ୍ର ସେଠୀ, ସନ୍ତୋଷ ସେଠୀ ପ୍ରମୁଖଙ୍କ ସହଯୋଗରେ ଦୀର୍ଘବର୍ଷ ଧରି ଏହି ପୂଜା ପାଳନ ହୋଇଆସୁଛି। ଆସନ୍ତା ୧୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

# ଯୋଡ଼ା ବ୍ଲକରେ ୭୨ ଅଭିଯୋଗର ଶୁଣାଣି

ଯୋଡ଼ା,୯।୧୦(ମାନସ ମହାନ୍ତି)




ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି କୁଶଲକର ନିତୀନ ଦାଗୁଡ଼ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଏସ୍‌ପି କୁଶଲକର ନିତୀନ ଦାଗଡୁ, ପିଡି ଘାସିରାମ ମୁର୍ମୁ, ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ ମାଝୀ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ, ମେଡିକାଲ ଅଫିସର ପ୍ରମୁଖ ଉପସ୍ଥିତ ରହି ସମୁଦାୟ ୭୨ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୁଖ୍ୟ ଅଭିଯୋଗ ଗୁଡ଼ିକ ମଧ୍ୟରେ କମାର ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ ଓ ଅଲଟ୍ରା ସାଉଣ୍ଡ ମେସିନ ଲଗାଇବା ପାଇଁ ସ୍ଥାନୀୟ କମାର ଯୋଡ଼ା ଅଞ୍ଚଳର ସଞ୍ଜୟ ପାତ୍ର ଅଭିଯୋଗ କରିଥିଲେ। ସେହିପରି ବଲାଣି ପଞ୍ଚାୟତର ଲସର୍ଦା ଗ୍ରାମର ରାସ୍ତା ମରାମତି ପାଇଁ ଗୋବର୍ଦ୍ଧନ ସାହୁ ଅଭିଯୋଗ କରିଥିଲେ। କିରିବୁରୁ ଅଞ୍ଚଳର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ, ବିଲେଇପଦାଠାରେ ଥିବା ସୁନାନଦୀରେ ଏକ ହାଇଡ୍ରମ ମରାମତି, ସ୍ଥାନୀୟ ନିଯୁକ୍ତି, ଚମକପୁର ଗ୍ରାମରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ ରହିଥିବା ସମସ୍ୟାର ସମାଧାନ କରିବାକୁ ଅର୍ଜୁନ ଚରଣ ବେହେରା ଅଭିଯୋଗ କରିଥିଲେ। ଆସେଇଁକଲାଠାରେ ଏକ ମିନି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ପ୍ରଭୃତି ସମସ୍ୟାର ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅବସରରେ ୨୩ ମୋଟର ଚାଳିତ ହୁଇଲ ଚେୟାର, ୧୦ ଟି ୱାକର, ଦୁଇଟି ଆଶାବାଡି, ୩ଟି ଟ୍ରିପର କେନ ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ମାର୍କୋଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ବିଭିନ୍ନ କର୍ମକର୍ତ୍ତାଙ୍କ ଗହଣରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ସିମୁଳିଆ, ୯।୧୦(ସନ୍ତୋଷ ନାୟକ)

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତ ବାର୍ତ୍ତା ନେଇ ରବିବାର ବାଲେଶ୍ୱର ଜିଲା ସିମୁଳିଆ-ଖଇରା ନିର୍ବାଚନୀ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସିମୁଳିଆ ବ୍ଲକର ୨୨ଟି ପଞ୍ଚାୟତରୁ ୪ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ କର୍ମୀ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ମାର୍କୋଣାର ଶ୍ରୀ ଅନ୍ନପୂର୍ଣ୍ଣା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ଷ୍ଟେଶନ ବଜାର ପରିକ୍ରମା କରି ପୂର୍ବତନ ବିଧାୟକ ସ୍ୱର୍ଗତଃ ପର୍ଶୁରାମ ପାଣିଗ୍ରାହୀଙ୍କ ମଣ୍ଡପ ପର୍ଶୁରାମ ପ୍ରସ୍ଥ ନିକଟରେ ପହଞ୍ଚିଥିଲେ। ପରେ ବ୍ଲକ ସଭାପତି ତଥା ବରିଷ୍ଠ ନେତା ଗୌରାଙ୍ଗ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୨୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଦଳୀୟ କର୍ମୀ ଓ ସମର୍ଥକମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ଷୀରକୋଣା ସମିତିସଭ୍ୟା ସଂଯୁକ୍ତା ମଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ସେମାନଙ୍କ ସମର୍ଥକଙ୍କ ସମେତ ଦଳୀୟ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ରଞ୍ଜନ କୁମାର ବେହେରା, ସରୋଜିନୀ ମହାପାତ୍ର, କ୍ଷୀତିଶ କୁମାର ମହାନ୍ତି, ପ୍ରମିଳା ବଳ, ସାବିତ୍ରୀ ପାଢ଼ୀ, ଅମର କୁମାର ପତି ପ୍ରମୁଖ ଥିଲେ ।

# ଜବା ସଭାପତି, ହିମାଂଶୁ ସମ୍ପାଦକ

ବାଲେଶ୍ୱର, ୯।୧୦(ମାନସ ବିଶ୍ୱାଳ)



ବାର୍ଷିକ ସମ୍ମିଳନୀରେ ମେଡିକାଲ ଅସ୍ଥାୟୀ ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା।

ବାଲେଶ୍ୱର ଷ୍ଟେଶନ କ୍ଲବ ସମ୍ମିଳନୀ କକ୍ଷରେ ଭାରତୀୟ ମଜଦୁର ସଂଘ ସହ ସଂଲଗ୍ନ ବାଲେଶ୍ୱର ଜିଲା ମେଡ଼ିକାଲ ଅସ୍ଥାୟୀ ସଫେଇ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ମାନସ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଜିଲାରେ ଥିବା ଜିଲା ମେଡ଼ିକାଲ କଲେଜ ଏବଂ ସମସ୍ତ ସିଏଚ୍‌ସି, ପିଏଚ୍‌ସିରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ମେଡ଼ିକାଲ ପ୍ରଶାସନ ଓ ଏଜେନ୍ସି ମାନସିକ ଯନ୍ତ୍ରଣା ଦେବା ସହିତ ଧମକାଇବା, ଜେଲ୍‌ରେ ଭର୍ତ୍ତି କରିବା ଆଦି କହି ଯେଉଁଭଳି ଭୟଭୀତ କରୁଛନ୍ତି ତାହାର ନିନ୍ଦା କରିଛନ୍ତି। ଏହା ବନ୍ଦ କରା ନ ଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଦର୍ଶାଇଥିଲେ। ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଛାୟତ, ବିଏମ୍‌ଏସ୍ ଜିଲା ସମ୍ପାଦକ ଅରୂପ କୁମାର ନାୟକ, ସଫେଇ କର୍ମଚାରୀ ସଂଘର ଜିଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ମେଡିକାଲ ଅସ୍ଥାୟୀ ସଫେଇ କର୍ମଚାରୀ ସଂଘ ନୂତନ କାର୍ଯ୍ୟକାରୀ କମିଟି

ଏହି ଅବସରରେ ଏକ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଜବା ମୁର୍ମୁ, ଉପସଭାପତି ମାନସ କୁମାର ପାତ୍ର, ମନୀଷା ଦାସ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବେରା, ସଙ୍ଗଠନ ସମ୍ପାଦକ ଦେବାଶିଷ ଘଡ଼ାଇ, ସହ ସମ୍ପାଦକ ସୁନ୍ଦର ମାଝି, କୋଷାଧ୍ୟକ୍ଷ ପ୍ରଶାନ୍ତ ଦତ୍ତ ଏବଂ ସିଏଚ୍‌ସି, ପିଏଚ୍‌ସି, ମେଡ଼ିକାଲ କଲେଜ ପାଇଁ କମିଟି ଗଠନ କରାଯାଇଛି। ଶେଷରେ ନୂତନ ସଭାପତି ଜବା ମୁର୍ମୁ ଧନ୍ୟବାଦ ଦେଇଥିଲେ।

## ଶାଳ କାଠ ଜବତ

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ବନ ବିଭାଗ ବାଗସାର ରଣାସାହି ଓ କେନ୍ଦୁଛାଟିଆ ଜଙ୍ଗଲ ପୂର୍ବରୁ ଥିବା ସ୍ଥାନରୁ ସୋମବାର ଶାଳ କାଠ ଗଣ୍ଡି ଜବତ କରିଛି। ରଣାସାହିର ଏକ ପୋଖରୀରେ ୨୧ ଖଣ୍ଡ ଶାଳ ଗଣ୍ଡି ଲୁଚାଯାଇଥିବା ବେଳେ ବନ ବିଭାଗ ଟିମ୍ ଏହାକୁ ଜବତ କରି କେଶିପୁର ଫରେଷ୍ଟ ଅଫିସକୁ ଆଣି ରଖିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ସେହିଭଳି କେନ୍ଦୁଛାଟିଆ ଜଙ୍ଗଲ ପୂର୍ବରୁ ୬ ଖଣ୍ଡ ଶାଳ ଗଣ୍ଡି ରଖାଯାଇଥିବା ବେଳେ ବନ ବିଭାଗ ଏହାକୁ ଜବତ କରିବାରେ ସକ୍ଷମ ହୋଇଛି।

# ୨୪ ୱାର୍ଡର ୯୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଣ

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ

### କେନ୍ଦୁଝରର ୪ ପୌରପାଳିକା, ୧ ଏନ୍ଏସିରେ ଶୁଭାରମ୍ଭ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଚମ୍ପୁଆ(ମହେଶ୍ୱର ଦାସ)/ଘସିପୁରା(ନିରଞ୍ଜନ ସାହୁ)/ଯୋଡ଼ା(ମାନସ ମହାନ୍ତି)/ବଡ଼ବିଲ(ଦେବପ୍ରିୟ ରଣା),୯।୧୦


ଚମ୍ପୁଆ ଧରଣୀଧର ନଗର ଭବନଠାରେ ବିଧାୟିକା ମୀନାକ୍ଷୀ ମହାନ୍ତ, ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ୱାଟ୍କୋ ଜିଏମ ନାରଦ ଚନ୍ଦ୍ର ରଥ ଓ ଅନ୍ୟମାନେ।।

ରାଜ୍ୟ ସରକାରଙ୍କ ଡ୍ରିଙ୍କ ଫ୍ରମ୍ ଟ୍ୟାପ ମିଶନର ୩ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଓଡ଼ିଶାର ୧୪୯ଟି ୱାର୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ କେନ୍ଦୁଝର ଜିଲାର କେନ୍ଦୁଝର ସମେତ ଚମ୍ପୁଆ, ଆନନ୍ଦପୁର, ଯୋଡ଼ା, ବଡ଼ବିଲ ଆଦି ସହରର ବିଭିନ୍ନ ୱାର୍ଡରେ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପ୍ରକଳ୍ପ ଦ୍ୱାରା ୨୪ ୱାର୍ଡର ୪୬ ହଜାର ୫୦୦ ଲୋକଙ୍କ ସମେତ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ପାଇପାରିବେ।

କେନ୍ଦୁଝରଗଡ଼ ପୌରପାଳିକାଠାରେ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ପ୍ରକଳ୍ପ ଦ୍ୱାରା କେନ୍ଦୁଝରଗଡ଼ ପୌରପାଳିକାରେ ୪ ୱାର୍ଡର ୧୦ ହଜାର ଲୋକ ଉପକୃତ ହେବ। କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, କେନ୍ଦୁଝର ଜିଲାପାଳ ଆଶିଷ ଠାକ୍ରେ, କେନ୍ଦୁଝର ସଦର ବିଧାୟକ ମୋହନଚରଣ ମାଝୀ, ପୌରଅଧ୍ୟକ୍ଷା ନିକୁ ସାହୁ ଓ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଓ ଜଳସାଥୀମାନେ ଉପସ୍ଥିତ ଥିଲେ। ଚମ୍ପୁଆ ଧରଣୀଧର ନଗର ଭବନଠାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପର ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ଚମ୍ପୁଆ ଏନ୍ଏସିର ୧୩ ଗୋଟି ୱାର୍ଡର ୧୫ ହଜାର ୫୦୦ ଲୋକ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ପାଇପାରିବେ। କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା, ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ୱାଟ୍କୋ ଜେନେରାଲ ମ୍ୟାନେଜର ନାରଦ ଚନ୍ଦ୍ର ରଥ, ଟର୍କାସ ଜେନେରାଲ ମ୍ୟାନେଜର ବିପ୍ଳବ ଭାରତ, ଏନ୍ଏସି ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ, ଭାଇସ୍ ଚେୟାରମ୍ୟାନ ସୁମିତ୍ରା ବେହେରା, ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତ, ସହକାରୀ ଯନ୍ତ୍ରୀ ସୁଧାକର ଦାସ ପ୍ରମୁଖ ଯୋଗଦେଇ ବିଶୁଦ୍ଧ ପାନୀୟ ଜଳ ପିଇଥିଲେ। ଆନନ୍ଦପୁର ପୌରପରିଷଦ ଅଞ୍ଚଳରେ ୱାର୍ଡ ନଂ. ୩, ୪, ୫ରେ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ୬ ରେ ଆଂଶିକ ଭାବେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଶୁଭାରମ୍ଭ ହୋଇଛି। ପ୍ରକଳ୍ପ ଦ୍ୱାରା ପୌରାଞ୍ଚଳର ୯ ହଜାର ୫୦୦ ଲୋକ ବିଶୁଦ୍ଧ ପାଣି ପାଇବେ। ଆନନ୍ଦପୁର ବିଏନ୍ ହାଇସ୍କୁଲ ପଡ଼ିଆରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠୀ, ରାଜସ୍ୱ ଅଧିକାରୀ ପ୍ରଦୀପ ପାଢ଼ୀ, ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ପୌର ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ କାଉନ୍ସିଲରମାନେ ଯୋଗଦେଇଥିଲେ। ୱାଟ୍କୋ ଡିଭିଜନାଲ ମ୍ୟାନେଜର ନାରଦ ଚନ୍ଦ୍ର ରଥ, ସହକାରୀ ପରିଚାଳକ ଆନନ୍ଦପୁର ଘାସିରାମ ମାଝୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଡ଼ା ଖଣି ଉପତ୍ୟକାରେ ଉପୁଜୁଥିବା ଜଳ ସଙ୍କଟକୁ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି। ଯୋଡ଼ା ପୌରପାଳିକାର ୧ ୱାର୍ଡର ୪ ହଜାର ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରିବ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଉପ ନଗରପାଳ ସନ୍ଧ୍ୟା ପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍ସିଲରମାନେ ଉପସ୍ଥିତ ଥିଲେ। ବଡ଼ବିଲ ପୌରାଞ୍ଚଳର ବିର୍ସାମୁଣ୍ଡା ଛକଠାରେ ନବନିର୍ମିତ ଓଭରହେଡ୍ ଟ୍ୟାଙ୍କରୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପକୁ ଭର୍ଚୁଆଲ ମୋଡ୍ରେ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ପ୍ରକଳ୍ପ ଦ୍ୱାରା ୨ ୱାର୍ଡର ୭ ହଜାର ୫୦୦ ଲୋକ ଶୁଦ୍ଧ ପାଣି ପାଇବେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌର ଉପାଧ୍ୟକ୍ଷା ଓ କାଉନ୍ସିଲରମାନଙ୍କ ସହ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ପୌର କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ପ୍ରକଳ୍ପ ମାଧ୍ୟମରେ ବଡ଼ବିଲର ୧୩ ନଂ. ୱାର୍ଡରେ ସମସ୍ତ ଅଞ୍ଚଳ, ୱାର୍ଡ ନଂ-୧୪ ଓ ୧୫ରେ ଆଂଶିକ ଅଞ୍ଚଳରେ ଲୋକେ ବିଶୁଦ୍ଧ ପାଣି ପାଇପାରିବେ ବୋଲି ପୌର ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।

# ଠକାମିର ଶିକାର ହେଲେ ଯବାନ

## ପ୍ରେମ ଜାଲରେ ଫସାଇଲେ ଯୁବତୀ

ଭଦ୍ରକ, ୯।୧୦ (ସନାତନ ରାଉତ)

ଜଣେ ଯୁବତୀଙ୍କ ପ୍ରେମ ଜାଲରେ ଫସି ଠକାମିର ଶିକାର ହୋଇଛନ୍ତି ଯବାନ। ସୋସିଆଲ ମିଡିଆରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ସୃଷ୍ଟି ହେବାରୁ ଯୁବତୀ ଜଣକ ଚାଲ୍ କରି ଯବାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ସୋମବାର ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଥିବା ଯବାନ ଜଣକ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ଉଦୟଗିରି ଅଞ୍ଚଳର ସନ୍ତୋଷ କୁମାର ରଣସିଂହ। ସେ ବିଏସ୍ଏଫ୍‌ରେ କାର୍ଯ୍ୟ କରନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୨ରେ ଫେସ୍‌ବୁକ ମାଧ୍ୟମରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅଣ୍ଡେଇପଲ୍ଲୀ ଅଞ୍ଚଳର ଜଣେ ଯୁବତୀଙ୍କ ସହ ସନ୍ତୋଷଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା। ଯୁବତୀଙ୍କ ବାପା ଦୁର୍ଘଟଣାରେ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଯୁବତୀ ୫ ଲକ୍ଷ ଟଙ୍କା ସନ୍ତୋଷଙ୍କୁ ସାହାଯ୍ୟ ମାଗିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ସେ ଗତ ଏପ୍ରିଲ ୫ରେ ଯୁବତୀଙ୍କ ମା'ଙ୍କ ଆକାଉଣ୍ଟକୁ ପ୍ରଥମେ ୨ ଲକ୍ଷ ଟଙ୍କା ପଠାଇଥିଲେ। ଏହାର କିଛିଦିନ ପରେ ଯୁବତୀ ଜଣକ ପୁଣି ବାପାଙ୍କର ଚିକିତ୍ସା ପାଇଁ ଆଉ କିଛି ଟଙ୍କା ମାଗିଥିଲେ। ଏହିଭଳି ବିଭିନ୍ନ ସମୟରେ ମୋଟ ୪ ଲକ୍ଷ ଟଙ୍କା ସେ ଯୁବତୀଙ୍କୁ ଦେଇଛନ୍ତି। ପରେ ସେ ଛୁଟିରେ ଆସି ତାଙ୍କୁ ଟଙ୍କା ମାଗିବାରୁ ନିଜ ଘରକୁ ଡାକି ଚେକ୍ ଦେଇଥିଲେ। ମାତ୍ର ଉକ୍ତ ଚେକ୍ ବାଉନ୍ସ ହୋଇଯିବା ପରେ ସନ୍ତୋଷ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଯୁବତୀ ଜଣକ ନିଜ ଗ୍ରାମର ଯବାନ ସମର କୁମାର ନାୟକଙ୍କଠାରୁ ୧୬ ଲକ୍ଷ ୬୦ହଜାର ଟଙ୍କା ନେଇଥିବା ତାଙ୍କ ଭାଇ ସପନ କୁମାର ନାୟକ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଯୁବତୀ ସମରଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଅମିତାଭ ଦାସ କହିଛନ୍ତି।

# ‘ଶିକ୍ଷା ହେଉଛି ଜୀବନର ମୁଖ୍ୟ ମାନଦଣ୍ଡ’

## ବୀଣାପାଣି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ସନ୍ଧ୍ୟା


ସମାରୋହରେ ଉପସ୍ଥିତ ଅତିଥିମାନେ।

ତିହିଡ଼ି, ୯।୧୦(ସଞ୍ଜିତ ବଳ)

ଶିକ୍ଷା ହିଁ ଜୀବନର ମୁଖ୍ୟ ମାନଦଣ୍ଡ ବୋଲି ଭଦ୍ରକ ଜିଲା ତିହିଡ଼ି ବ୍ଲକର ଗୁଆମାଳ ପଞ୍ଚାୟତସ୍ଥିତ ବୀଣାପାଣି ସରକାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମତବ୍ୟକ୍ତ କରିଛନ୍ତି। ସୋମବାର କବି ଦୀନବନ୍ଧୁ ପତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଅନ୍ୟତମ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସ୍ତମ୍ଭକାର ନିରଞ୍ଜନ ପାଢ଼ୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସରୋଜ କୁମାର ଦାସ, ସରପଞ୍ଚ ମାମିନା ଜେନା ଓ ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ସନାତନ ଜେନା ବିବରଣୀ ପାଠ କରିଥିବା ବେଳେ ସାମାଜିକ କର୍ମୀ ଭରତ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥଲେ। କମିଟି ସଭାପତି ପ୍ରଦୀପ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ତାପସ କୁମାର ପାଠୀ, ଉପସଭାପତି ହରେକୃଷ୍ଣ ଜେନା, କୋଷାଧ୍ୟକ୍ଷ ପ୍ରଶାନ୍ତ ଖୁଣ୍ଟିଆ, ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ରାଉତ, ମାନସ ପାଠୀ ପ୍ରମୁଖଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶାରଦୀୟ ପୂଜା ପାଇଁ ଶାନ୍ତି କମିଟି ବୈଠକ

ଚମ୍ପୁଆ,୯।୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ପାର୍ବଣ ଋତୁର ଶୁଭାରମ୍ଭ ହୋଇସାରିଥିବା ବେଳେ ଶାରଦୀୟ ପୂଜାରେ ଭାଇଚାରା ଓ ଶୃଙ୍ଖଳିତ ପୂଜା ପରିଚାଳନା ପାଇଁ ଚମ୍ପୁଆ ଥାନା ପରିସରରେ ଶାନ୍ତି କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ସଭାପତିତ୍ୱରେ ବୈଠକରେ ଚମ୍ପୁଆ ସାର୍ବଜନୀନ ପୂଜା କମିଟି, ଯାତ୍ରା ପଡ଼ିଆ ଦୁର୍ଗାପୂଜା କମିଟି, ରିମୁଳି ଦୁର୍ଗା ପୂଜା କମିଟି ଓ କରଞ୍ଜିଆ ଦୁର୍ଗା ପୂଜା କମିଟି ସମେତ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ପୂଜା ସମୟରେ ଉପୁଜୁଥିବା ବିଶୃଙ୍ଖଳାକୁ ପ୍ରଶମିତ କରିବା ପାଇଁ ଭାରିଯାନ ପାଇଁ ଲାଗିଥିବା ନୋଏଣ୍ଟ୍ରି ସମୟ ବୃଦ୍ଧି କରିବା, ଏନ୍ଏସି ଅଞ୍ଚଳରେ ପୂଜା ସମୟରେ ଘର ଛାଡ଼ିଯାଉଥିବା ବ୍ୟକ୍ତି ବିଶେଷ ଅନ୍ୟକୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରିବା, ପୂଜା ସମୟରେ ଟ୍ରାଫିକ ସମସ୍ୟା କଡ଼ାକଡ଼ି କରିବା ଏବଂ ଚେକିଂ ଉପରେ ଗୁରୁତ୍ୱାରୋପ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ପୂଜା ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କମିଟି ସଦସ୍ୟମାନେ ପୋଲିସର ସହାୟତା ଲୋଡ଼ିବା ସହିତ ପୂଜା ମଣ୍ଡପ ନିକଟରେ ପୋଲିସ କଂଟ୍ରୋଲ ରୁମ ଖୋଲିବା ଆଦି ଉପରେ ପ୍ରସ୍ତାବ ଦେଇଥିଲେ।

### କଂଗ୍ରେସରେ ମିଶିଲେ ୧୫ରୁ ଊର୍ଦ୍ଧ୍ୱ ପରିବାର

ଚାନ୍ଦବାଲି, ୯।୧୦(କିଶାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଚଡ଼ଦିଆ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ନିତ୍ୟାନନ୍ଦ ମାଇତିଙ୍କ ଆବାହକତ୍ୱ ଓ କିଶୁରାମ ଜେନାଙ୍କ ସଭାପତିତ୍ୱରେ ସୋମବାର ନିର୍ବାଚନମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତରଅନ୍ତର ଓ ପିସି କାରବାର, ଚଡ଼ଦିଆ ହାଇସ୍କୁଲ କାମରେ ବିଳମ୍ବ ଆଦି ଅନିୟମିତତା ନେଇ କର୍ମୀମାନେ ବୈଠକରେ ଅଭିଯୋଗ କରିଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଅଭିଯୋଗ ବିଷୟରେ ଅବଗତ ହେବା ସହ କଂଗ୍ରେସ ନେତା ଦିଗମ୍ବର ଦାସ, ଅମୀୟ ମହାପାତ୍ର ଓ ଯୁବନେତା ସତ୍ୟାନନ୍ଦ ରାଉତ କର୍ମୀମାନଙ୍କୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ପରିବାର ଅନ୍ୟ ଦଳରୁ ଆସି କଂଗ୍ରେସରେ ଯୋଗ ଦେଇଛନ୍ତି। ନେତାମାନେ ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡା, ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ସୋସିଆଲ ମିଡିଆ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ବରିଷ୍ଠ ନେତା ଖଗେଶ୍ୱର ଦାସ, ପ୍ରଦୀପ ଜେନା, ବିଷ୍ଣୁ ମହାଳିକ, ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟ ଛାତ୍ରୀ ଶିଖୁଛନ୍ତି ଆତ୍ମନିର୍ଭରଶୀଳତାର ମନ୍ତ୍ର

ଖଇରା, ୯।୧୦(ଉତ୍କଳବନ୍ଧୁ ପଣ୍ଡା)


ଛାତ୍ରୀମାନେ ମହିଳା ଗୋଷ୍ଠୀଙ୍କ ନିକଟରୁ ଚାନ୍ଦୁଆ ତିଆରି ଶିଖୁଛନ୍ତି।

ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଅଧ୍ୟକ୍ଷ ଓ ପରିଚାଳନା କମିଟି ତରଫରୁ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ତାଲିମପ୍ରାପ୍ତ ଦକ୍ଷତା ସମ୍ପର୍ଣ୍ଣ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ତିଆରି କୌଶଳ ପ୍ରଦାନ କରାଯିବା ଆରମ୍ଭ ହୋଇଛି। ଅଧ୍ୟକ୍ଷ ଅରୁଣ କୁମାର ପାଢୀ ତଥା ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ତଥା ଅଧ୍ୟାପନାମଣ୍ଡଳୀ, କର୍ମଚାରୀଙ୍କ ସହଯୋଗରେ ସୋମବାରଠାରୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଦକ୍ଷତାସମ୍ପନ୍ନ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ପିଲାମାନଙ୍କୁ ବଡ଼ି, ପାମ୍ପଡ ଓ ଫିନାଇଲ ପ୍ରସ୍ତୁତିଠାରୁ ଆରମ୍ଭ କରି ଚାନ୍ଦୁଆ ଓ ଟେରାକୋଟା ତିଆରି, ସିଲେଇ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସ୍ୱୟଂସମ୍ପନ୍ନ କରିବା କାର୍ଯ୍ୟରେ ଲାଗିପଡିଛନ୍ତି। ମା' ବାସୁଳି ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ତାରିଣୀ ଗୋଷ୍ଠୀ, ଶିବଶକ୍ତି ଗୋଷ୍ଠୀ, ଶ୍ୟାମସୁନ୍ଦରଜୀଉ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ନିବେଦିତା ଛାତ୍ରୀନିବାସ ଅଧୀକ୍ଷକ ଡ. ହରପ୍ରିୟା ମହାନ୍ତି, ଅଧ୍ୟାପକ ଶଶିକାନ୍ତ ପଣ୍ଡା, ବନମାଳୀ ବାରିକ, ଉମେଶ ଦାସ ଓ ସୁଦର୍ଶନ ଦାସ, କର୍ମଚାରୀ ଶଶିଭୂଷଣ ମହାପାତ୍ର ପ୍ରମୁଖ ଏହି ତାଲିମ କାର୍ଯ୍ୟରେ ସହଯୋଗ କରୁଛନ୍ତି । ପିଲାମାନେ ଏହା ମାଧ୍ୟମରେ ନିଜର ଆବଶ୍ୟକତାକୁ ମେଣ୍ଟାଇବା ସହ ନିଜେ ରୋଜଗାରକ୍ଷମ ହୋଇପାରିବେ ବୋଲି ଅଧ୍ୟକ୍ଷ ଅରୁଣ କୁମାର ପାଢୀ କହିଛନ୍ତି । ଛାତ୍ରୀମାନଙ୍କୁ ପାଠପଢା ସହ ଏଭଳି ଧନ୍ଦାମୂଳକ ଶିକ୍ଷା ନେବା ଦ୍ୱାରା ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ଜିପିଏଲଏଫ୍ ମିଶନ ଶକ୍ତି କର୍ମୀ ସାନ୍ଥୁଖ୍ୟର ରାଜ୍ୟ ସଭାପତି ନିରୁପମା ନାୟକ କହିଛନ୍ତି।

## ଭ୍ୟାନ୍ ସହ ୩୦ କୁଇଣ୍ଟାଲ ପିଡିଏସ୍ ଚାଉଳ ଜବତ

ରୂପସା, ୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ରୂପସା ଥାନା ସମ୍ମୁଖରେ ସୋମବାର ପୋଲିସ ଚଢାଉ କରି ଏକ ପିଡ଼ିଏସ ଚାଉଳ ବୋଝେଇ ଭ୍ୟାନ୍ ଜବତ କରିଛି। ଡ୍ରାଇଭରଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ବାଲେଶ୍ୱରରୁ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୧୧ଡ଼ି-୩୯୪୪)ରେ ୩୦ କୁଇଣ୍ଟାଲ ପିଡିଏସ୍ ଚାଉଳ ବୋଝେଇ ହୋଇ ପଶ୍ଚିମବଙ୍ଗ ଚୋରାଚାଲାଣ ହେଉଥିଲା। ରୂପସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ପୋଲିସ ଟିମ୍ ସହ ସନ୍ଧ୍ୟାରେ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଏହି ଭ୍ୟାନ ଉପରେ ଚଢ଼ାଉ କରି ଭ୍ୟାନ ସହ ଚାଉଳ ଜବତ କରିଥିଲେ। ଜବତ ଚାଉଳର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ କେଉଁ ଡିଲର ଏହି କାରବାରରେ ସମ୍ପୃକ୍ତ ଅଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମିଳିତ ଜନ ଶୁଣାଣି ଶିବିର

ରାଇରଙ୍ଗପୁର,୯।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସରୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୮ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୬୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୬ଟି ଗ୍ରାମବାସୀଙ୍କ ସାମୁହିକ ଅଭିଯୋଗ ଥିଲା। ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ୨ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୫,୦୦୦ଟଙ୍କା ଏବଂ ଅନ୍ୟ ୨ ଜଣଙ୍କୁ ରେଡକ୍ରସ ସହାୟତା ପାଣ୍ଠିରୁ ୧୫,୦୦୦ ଟଙ୍କା ଜିଲାପାଳ ମଞ୍ଜୁର କରିଥିଲେ। ଅନ୍ୟାନ୍ୟ ଆପତ୍ତି ଅଭିଯୋଗଗୁଡ଼ିକ ଦ୍ରୁତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଉପଖଣ୍ଡ ଅଧୀନ ସମସ୍ତ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସନ୍ଧ୍ୟାପରେ ଔଷଧ, ଟିକେଟ୍ କାଉଣ୍ଟର ବନ୍ଦ

## ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପାଟଣା,୯।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିକେଟ ଓ ମେଡିସିନ କାଉଣ୍ଟର ସନ୍ଧ୍ୟା ପରେ ବନ୍ଦ ହୋଇଯାଉଛି। ଏ ନେଇ ଅସନ୍ତୋଷ ବ୍ୟକ୍ତ କରି ଭାଜପା ନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ ସାମାଜିକ ଗଣମାଧ୍ୟମରେ ପ୍ରସଙ୍ଗ ଉଠାଇଛନ୍ତି। ସନ୍ଧ୍ୟାପରେ ମେଡିସିନ୍ ଷ୍ଟୋର ବନ୍ଦ ଯୋଗୁ ଗରିବ ରୋଗୀ ଆୟୁଷ୍ମାନ ଯୋଜନାରୁ ମାଗଣା ମେଡିସିନ ପାଇପାରୁନାହିଁ। ବାହାର ଦୋକାନରୁ କିଣି ଖର୍ଚ୍ଚାନ୍ତ ହେଉଥିବା ପୋଷ୍ଟରେ ଦର୍ଶାଇଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ଲକ୍ଷ୍ମଣ ମହାନ୍ତ କହିଛନ୍ତି, ମାତ୍ର ୨ ଜଣ ଫାର୍ମାସିଷ୍ଟରେ ମେଡ଼ିକାଲର ମେଡ଼ିସିନ କାଉଣ୍ଟର ଚାଲୁଛି। ଆବଶ୍ୟକ କର୍ମଚାରୀ ଅଭାବରୁ ରାତିରେ କାଉଣ୍ଟର ବନ୍ଦ ରହୁଛି। ତେବେ ରାତିରେ ଟିକେଟ୍ କାଉଣ୍ଟର ଖୋଲା ରହୁଥିବା ସେ କହିଥିଲେ।

# ଷଣ୍ଢ ବୋଝେଇ ଟ୍ରକ୍ ଜବତ

## ଗୋଶାଳାରେ ଛଡ଼ାଗଲା ୨୯ ଷଣ୍ଢ

ରୂପସା, ୯।୧୦(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥ ଏବେ ଗୋଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ରାଜପଥରେ ପୁଣି ଗୋଚାଲାଣକାରୀ ଓ ଦଲାଲମାନେ ସକ୍ରିୟ ହୋଇପଡ଼ିଛନ୍ତି। ବସ୍ତା ଥାନା ଅଧୀନ ଏହି ଜାତୀୟ ରାଜପଥର ବରୁଣଗଡ଼ିଆ ଛକ ନିକଟରେ ସୋମବାର ଏକ ମିନିଟ୍ରକ୍‌ରେ ଭଦ୍ରକରୁ ପଶ୍ଚିମବଙ୍ଗକୁ ଗୋ ଚାଲାଣ ହେଉଥିଲା। ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟମାନେ ଉକ୍ତ ଟ୍ରକକୁ କାବୁ କରି ସେଥିରୁ ୨୯ ଷଣ୍ଢ ଉଦ୍ଧାର କରିଥିବାରେ ସମର୍ଥ ହୋଇଥିଲେ। ହେଲେ ଟ୍ରକ୍‌ର ଚାଳକ ଓ ଖଲାସୀ ଟ୍ରକ ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଟ୍ରକ୍ ନଂ. (ଡ଼ବ୍ଲ୍ୟୁବି୩୩ଏ-୯୭୨୯)ରେ ଗୋଚାଲାଣ ହେଉଥିବା ଜାଣିବାକୁ ପାଇ ବଜରଙ୍ଗ ଦଳର ସଦସ୍ୟମାନେ ମଥାନୀ ଛକଠାରୁ ଟ୍ରକ୍‌କୁ ପିଛା କରି ବରୁଣଗଡ଼ିଆ ଡ଼ାଇଭର୍ଶନଠାରେ କାବୁ କରିଥିଲେ। ଚାଳକ ଓ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଖବରପାଇ ଭାଜପା ଯୁବ ସଭାପତି ଧୀରେନ କୁମାର ସେଠୀ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରକ୍‌କୁ ବସ୍ତା ଥାନାକୁ ଆଣି ଏକ ମାମଲା(ନଂ. ୨୮୬/୨୩) ରୁଜୁ କରି ଟ୍ରକ୍‌ରେ ଥିବା ୨୯ଟି ଷଣ୍ଢକୁ ବାଲେଶ୍ୱର ବାମପଦାସ୍ଥିତ ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ‘ସାଇବର ଠକେଇ ପାଇଁ ସଚେତନ ରୁହ’

## ସତର୍କ କରାଇଲେ ଏସ୍‌ପି

ଭୋଗରାଇ, ୯।୧୦(ପ୍ରଦୀପ ଦାସ)


ସଚେତନତା କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ସାଇବର ଠକେଇ ସାରାବିଶ୍ୱକୁ କବଳିତ କଲାଣି। ଆମଦେଶ ଏଥିରୁ ବାଦ୍ ପଡିନାହିଁ। ଅସାବଧାନତା, ସଚେତନତା ଅଭାବ ଯୋଗୁ କଲେଜ ଛାତ୍ରୀଛାତ୍ର, ଯୁବଗୋଷ୍ଠୀମାନଙ୍କୁ ଅପରିଚିତ ଲୋକ ବନ୍ଧୁତା ସ୍ଥାପନ କରି ଅଶ୍ଳୀଳ ଓ ବିଭିନ୍ନ ଲୋଭନୀୟ ବାର୍ତ୍ତା ଦେଇ ସାଇବର ଠକେଇ ଜାଲରେ ଫସୁଛନ୍ତି। ଚାକିରି କରାଇଦେବା, ପିଏମ୍ କିଷାନ, କାଳିଆ ଯୋଜନା କିମ୍ବା ବ୍ୟାଙ୍କ ଅଧିକାରୀଙ୍କ ବେନାମୀ ନାମ ଆଦି କହି ଲୋକଙ୍କ ଅଜାଣତରେ ଲୋକଙ୍କଠାରୁ ଅର୍ଥ କିମ୍ବା ବ୍ଲାକମେଲିଂ କରି ସର୍ବନାଶ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ପୋଲିସ ଏବଂ ସାଇବର ଅପରାଧ ବିଭାଗ ଲୋକଙ୍କୁ ସଚେତନ ଓ ସୁରକ୍ଷା ଦେବାକୁ ଅଭିନବ ପ୍ରୟାସ ଜାରି ରଖିଛି ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ତାଳସାରୀରୁ ଉଦୟପୁର ଗଣଦୌଡରେ ଅଂଶଗ୍ରହଣ କରି ରବିବାର ସନ୍ଧ୍ୟାରେ ମତ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲାରେ ସଚେତନତା ରଥ ଗାଁ ଗଣ୍ଡାରେ ଗଡିବା ସହିତ ଭୋଗରାଇରେ କମର୍ଦ୍ଦା, ଭୋଗରାଇ ଥାନାଛକ, ଚନ୍ଦନେଶ୍ୱରରେ ସଚେତନତା ସଭା କରାଯାଇ ସାଧାରଣ ଲୋକଙ୍କୁ ସାମିଲ କରାଯାଇଛି। ତାଳସାରୀରେ ଗଣଦୌଡକୁ ଏସ୍‌ପି ପତାକା ଦେଖାଇ ଉଦ୍‌ଘାଟନ କରିଥିବା ବେଳେ ଉଦୟପୁର ବେଳାଭୂମିରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁଙ୍କ ସଂଚାଳନାରେ ସାଇବର ଏକ୍ସପର୍ଟ ମାନସ ବିଶ୍ୱାଳ ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ୧୯୩୦ ନମ୍ବର ମୋବାଇଲରେ କଲ କରିବାକୁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିଶନାଲ ଏସ୍‌ପି ଶ୍ରୀନିବାସ ମହାନ୍ତି, ଡ଼ିଏବି ବ୍ରଜେଶ୍ୱରୀ ବଳ, ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, କମର୍ଦ୍ଦା ଥାନା ଅଧିକାରୀ ପ୍ରମଦା ନାୟକ, ଜଳେଶ୍ୱର ଓ ରାଇବଣିଆ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଓ ରଞ୍ଜୁ ହାସିନ କୁଲୁ ସହିତ ସମସ୍ତ ଥାନା କର୍ମଚାରୀ, ବିଭିନ୍ନ ସାମାଜିକ ସଙ୍ଗଠନ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ।

